# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ


ଲେଖକ: Edward Hughes
ଦୃଷ୍ଟାନ୍ତ: Byron Unger; Lazarus
ଅନୁବାଦକ: Prasanta Bhuyan
ଉପ୍ଯୋଜକ: M. Maillot; Tammy S.



କାହାଣି ୬୦ ରୁ ୩

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ | Oriya

ନୋହ ଜଣେ ବ୍ୟକ୍ତି, ଯିଏ ସଦାପ୍ରଭୁଙ୍କ ଆରାଧନା କରୁଥିଲେ । ପ୍ରତ୍ୟେକ ମନୁଷ୍ୟ ପରମେଶ୍ବରଙ୍କୁ ଘୃଣା ଓ ଅମାନ୍ୟ କଲେ । ଦିନେ, ପରମେଶ୍ବର ଏକ ଭୟଙ୍କର ବିଷୟ କହିଲେ ।





ପରମେଶ୍ବର ନୋହଙ୍କୁ କହିଲେ । ମୁଁ ଏହି ପାପିଷ୍ଠ ଜଗତତକୁ ବିନାଶ କରିବି । କେବଳ ତୁମ୍ଭର ପରିବାର ହିଁ ମହା ପ୍ରଳୟ ଜଳପ୍ଲାବନରୁ ଉଦ୍ଧାର ପାଇବ ।




ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ସତର୍କ କରାଇ
କହିଲେ, ଏକ ମହାପ୍ରଳୟ ଜଳପ୍ଲାବନ ଆସି ପୃଥିବିକୁ
ଘୋଡ଼ାଇବ । ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ
ଆଦେଶ କରି କହିଲେ ତୁମ୍ଭେ କାଠରେ ଏକ
ବଡ଼ ଜାହାଜ ନିର୍ମାଣ କର ଯେଉଁଥିରେ
ତୁମ୍ଭର ପରିବାର ଓ ଅନେକ ପଶୁ,
ପକ୍ଷୀ ଗୁଡ଼ିକ ବାସ
କରିପାରିବେ ।
3


ଆଉ ସଦାପ୍ରଭୁ ସଠିକ ଭାବରେ
ନୋହଙ୍କୁ ଶିକ୍ଷାପ୍ରଦାନ କଲେ । ତହିଁରେ
ନୋହ କାର୍ଯରେ ବ୍ୟସ୍ତ ହେଲେ ।
4


ଲୋକମାନେ ନୋହଙ୍କୁ ପରିହାସ
କରିଥାଇ ପାରନ୍ତି, ମାତ୍ର ସେ
ଲୋକମାନଙ୍କୁ ବ୍ୟାଖ୍ୟା
କରି କହୁଥିଲେ ଯେ
ସେ କଣପାଇଁ
ଜାହାଜ
ନିର୍ମାଣ
କରୁଛନ୍ତି ।
ନୋହ ସେ
ପ୍ରକାରେ ଜାହାଜ
ନିର୍ମାଣ କରିଚାଲିଲେ ।
5


ନୋହ ମଧ୍ୟ ସଦାପ୍ରଭୁଙ୍କ
ବିଷୟରେ ଲୋକମାନଙ୍କୁ
କହିଚାଲିଲେ ।
ଆଉ କେହି
ମଧ୍ୟ ନୋହଙ୍କୁ
ଶୁଣିଲେ ନାହିଁ ।
6


ନୋହଙ୍କର ବଡ଼ ବିଶ୍ୱାସ
ଥିଲା । ଯଦିବା ପୁର୍ବରୁ
କେବେହେଁ ବୃଷ୍ଟିପାତ
ହୋଇନଥିଲା ତଥାପି ସେ
ପରମେଶ୍ୱରଙ୍କୁ ବିଶ୍ୱାସ କଲେ ।
ଅନ୍ୟାନ୍ୟ ଆବଶ୍ୟକତାମାନ
ଭର୍ତ୍ତି କରିବାକୁ ଜାହାଜ ଶିଘ୍ର
ପ୍ରସ୍ତୁତ ହେଲା ।
7


ବର୍ତ୍ତମାନ ପଶୁପକ୍ଷୀମାନେ ଆସିଲେ । ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟକ
ଶୁଚି ପଶୁ ଜାତିର ସାତ ଦମ୍ପତିକୁ ଆଣିଲେ, ଅନ୍ୟାନ୍ୟରୁ କେବଳ ଦୁଇଟି ।
ଛୋଟ ଏବଂ ବଡ଼ପକ୍ଷୀ, ଗେଡ଼ା ଏବଂ ଡେଙ୍ଗା ପଶୁ ଜାହାଜକୁ
ଅସିଗଲେ ।
8


ଏହାହୋଇପାରେ ଲୋକମାନେ
ନୋହଙ୍କୁ ପରିହାସ ଓ ଅପମାନ
କରିଥିବେ, ଯେତେବେଳେ ନୋହ
ସର୍ବପ୍ରକାର ଜୀବଜନ୍ତୁ ଯୋଡ଼ା
ଯୋଡ଼ା ଦମ୍ପତିକ୍ରମେ
ଜାହାଜରେ ଭର୍ତ୍ତି
କଲେ ।
9


ସେମାନେ ପରମେଶ୍ୱରଙ୍କ
ବିରୁଦ୍ଧରେ ପାପ କରିବା ବନ୍ଦ କଲେ
ନାହିଁ । ଏବଂ ଜାହାଜରେ ପ୍ରବେଶ
କରିବାକୁ ମଧ୍ୟ ସେମାନେ
ନୋହଙ୍କୁ ପଚାରିଲେ
ନାହିଁ ।
10


ଅନ୍ତିମରେ,
ଅନେକ ପ୍ରକାର
ପଶୁ ପକ୍ଷୀମାନେ
ଜାହାଜ ଭିତରକୁ
ଆସିଲେ । ଜାହାଜ
ଭିତରକୁ ଆସିବାକୁ, ପରମେଶ୍ୱର
ନୋହଙ୍କୁ ଆମନ୍ତ୍ରଣ କଲେ ।
ତୁମ୍ଭେ ଏବଂ ତମ୍ଭର ପରିବାର ।
11


ନୋହ ଏବଂ
ତାଙ୍କରି ଭାର୍ଯ୍ୟା,
ତାଙ୍କର ତିନିପୁତ୍ର,
ପୁଣି ସେମାନଙ୍କ
ସହିତ ସେମାନଙ୍କର ଭାର୍ଯ୍ୟା
ଜାହାଜରେ ପ୍ରବେଶ କଲେ ।
ତହିଁରେ ଅନନ୍ତର ସଦାପ୍ରଭୁ
ପରମେଶ୍ୱର ପାର୍ଶଦ୍ୱାର ବନ୍ଦ କଲେ ।
12


ସେତେବେଳେ
ବୃଷ୍ଟିପାତ ହେଲା । ଅନନ୍ତର ଚ଼ାଳିଶ
ଦିନ ଏବଂ ରାତ୍ରି ଅତ୍ୟାଧିକ ବୃଷ୍ଟିପାତ ହୋଇ
ପୃଥିବୀକୁ ସମ୍ପୂର୍ଣ୍ଣଭାବେ ଓଦା କରିଦେଲା ।
13


ଜଳ ପ୍ଲାବନ
ସମଗ୍ର ଗ୍ରାମ୍ୟଞ୍ଚଳ
ଏବଂ ସହର ମାନଙ୍କରେ
ବିସ୍ତୃତ ହେଲା । ଯେତେବେଳେ ବୃଷ୍ଟିପାତ
ଥମିଗଲା, ସେହି ସମୟରେ ଉଚ୍ଚତମ ପାହାଡ଼
ଗୁଡ଼ିକ ସୁଧା ପାଣି ଭିତରେ ବୁଡ଼ିଥିଲେ । ନିଶ୍ୱାସ
ପ୍ରସ୍ୱାସ ଧାରି ସମସ୍ତଙ୍କର ମୃତ୍ୟୁ ହେଲା ।
14


ଯେପରି ଜଳ ବୃଦ୍ଧି ପାଇଲା, ଜାହାଜ ପାଣି ଉପରେ ଭାସିଲା । ଏହାର ଭିତର ପାର୍ଶ୍ୱ ଅନ୍ଧକାର, ବୋଧହୁଏ ଧକଚକିଆ ଓ ଭୟାବହ ହୋଇ ଥାଇପାରେ । କିନ୍ତୁ ନୋହଙ୍କ ଆଶ୍ରୟ ସ୍ଥାନ ବନ୍ୟାରୁ ନିରାପଦ ଥିଲା ।
15


ଜଳ ପ୍ଲାବନର ପାଞ୍ଚମାସ ପରେ, ସଦାପ୍ରଭୁ ପରମେଶ୍ୱର ସୁଖିଲା ବାୟୁ ବୁହାଇଲେ, ତହିଁରେ ଜଳ ଥମିଗଲା, ପୁଣି ଆରାରୋଟ ପର୍ବତ ଉପରେ ଜାହାଜ ରହିଗଲା । ଯେପର୍ଯ୍ୟନ୍ତ ଜଳର ହ୍ରାସ ପାଇଲା ନାହିଁ । ନୋହ ଅନନ୍ତର ଚାଳିଶ ଦିନ ପର୍ଯ୍ୟନ୍ତ ଜାହାଜ ଭିତରେ ରହିଲେ ।
16


ନୋହ ଗୋଟିଏ ଝରକା ଖୋଲି ଏକ ଡାମରା କାଉ ଓ କାପ୍ତାକୁ ବାହାରକୁ ଉଡ଼ାଇ ଦେଲେ । ସେତେବେଳେ ପୃଥିବୀ ଜଳଛାଦିତ ଥିବାରୁ କାପ୍ତା ଆପଣା ପାଦ ରଖିବାକୁ ସ୍ଥାନ ନ ପାଇ ଜାହାଜକୁ ନେଉଟି ଆସିଲା ।
17


ଆଉ ସାତ ଦିନ ବଳମ୍ବ କଲା ଉତ୍ତାରେ ସେହି କାପ୍ତାକୁ ପୁନର୍ବାର ଜାହାଜରୁ ବାହାରକୁ ଉଡ଼ାଇ ଦେଲେ । ତହିଁରେ କାପ୍ତା ସଂଧ୍ୟାବେଳେ ତାଙ୍କ ନିକଟକୁ ଫେରି ଆସିଲା ।
18


ଆଉ ଦେଖ, ତାହାର ଚଞ୍ଚୁରେ ଜୀତ ବୃକ୍ଷର ନବୀନ ପଲ୍ଲବ ଥିଲା । ଆଉ ସାତଦିନ ବଳମ୍ବକରି, ସେହି କାପ୍ତାକୁ ପୁନର୍ବାର ପଠାଇଲେ, ମାତ୍ର ତାଙ୍କ ନିକଟକୁ ନେଉଟି ଆସିଲା ନାହିଁ, ତହିଁରେ ନୋହ ବୁଝିଲେ ।
19


ଅନନ୍ତର ପରମେଶ୍ୱର ନୋହଙ୍କୁ କହିଲେ, ଜାହାଜରୁ ବାହାରକୁ ଯିବା ସମୟ ହୋଇଅଛି, ପୁଣି ସମସ୍ତ ପରିବାର ମିଳିମିସି ଜାହାଜରେ ଥିବା ସମସ୍ତ ପଶୁପକ୍ଷୀ ଓ ଭୂଚର ପ୍ରାଣି, ଉରୋଗାମି ସବୁ ଜୀବଜନ୍ତୁ ବାହାରକୁ ଘେନିଯାଅ ।
20













ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୬-୧୦

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।